# ବିପର୍ଯ୍ୟୟ ପରେ ବିପର୍ଯ୍ୟୟ

ଅଗଷ୍ଟମାସରେ ଅନେକ ବିପର୍ଯ୍ୟୟ ଏହି ଦେଶରେ ଘଟିଚାଲିଛି । କେଉଁଟି ପ୍ରାକୃତିକ ବିପର୍ଯ୍ୟୟ ତ ଆଉ କେଉଁଟି ଭାରତୀୟ ଗଣତନ୍ତ୍ରରେ ନାଗରିକମାନଙ୍କୁ ଦିଆଯାଇଥିବା ସାମ୍ବିଧାନିକ ଅଧିକାର କ୍ଷେତ୍ରରେ ବିପର୍ଯ୍ୟୟ । ତେବେ ସବୁଠାରୁ ବଡ଼ ବିପର୍ଯ୍ୟୟ ଆଣିଦେଇଛି କେରଳର ପ୍ରଳୟଙ୍କରୀ ବନ୍ୟା । ପ୍ରତିଟି ସରକାରଙ୍କ ଦ୍ୱାରା ଅଣଦେଖା କରାଯାଇଥିବା ବିଶିଷ୍ଟ ପରିବେଶବିତ୍ ଡଃ ମାଧବ ଗାଡ଼ଗିଲ୍ଙ୍କ ଆଶଙ୍କା ଏଭଳି ବନ୍ୟା ପୁଣି ଆସିପାରେ । ତେବେ ସେହି କଥାଟି ପୂର୍ବରୁ ମଧ୍ୟ କହିସାରିଛନ୍ତି । ୨୦୧୧ ମସିହା ଏହି ସେପ୍ଟେମ୍ବର ମାସରେ ହିଁ ଡଃ ମନମୋହନ ସିଂହଙ୍କ ସରକାରଙ୍କ ଦ୍ୱାରା ଗଠିତ ପଶ୍ଚିମଘାଟ ପର୍ବତମାଳାକୁ ନେଇ ପରିବେଶୀୟ ବିଶାରଦ କମିଟି ଅନେକ ଅଧ୍ୟୟନ ଓ ଗବେଷଣା ପରେ ଏକ ବିରାଟକାୟ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲେ । ସେଥିରେ ଆଗକୁ ଘଟିବାକୁ ଯାଉଥିବା ଅନେକ ଘଟଣାର ପୂର୍ବାନୁମାନ କରାଯାଇଥିଲା । ଡଃ ମାଧବ ଗାଡ଼ଗିଲ୍ ଏହି କମିଟିର ଅଧ୍ୟକ୍ଷ ଥିଲେ । ଏମାନେ ଯେଉଁ ପରାମର୍ଶ ସବୁ ଦେଇଥିଲେ ସେ ଭିତରେ ଥିଲା ଅତି ଦୁର୍ବଳ ଅବସ୍ଥାରେ ଥିବା ପଶ୍ଚିମଘାଟ ପର୍ବତମାଳାର ପରିବେଶୀୟ ସୁରକ୍ଷା  ଓ ସଂରକ୍ଷଣ କେମିତି କରାଯାଇପାରିବ । ଏହି କମିଟି କହିଥିଲେ ଯେ ଖଣିଖନନ, ଜଙ୍ଗଲ ଅବକ୍ଷୟ, କାଠ ଚାଲାଣ, ପଥରଖାଦାନ ଇତ୍ୟାଦି ଅଣଜଙ୍ଗଲ କାମରେ ବ୍ୟବହାର କରାଯାଉଥିବା ଜମି ଉପରେ କାମଗୁଡ଼ିକୁ ନିଷିଦ୍ଧ କରାଯାଉ । ତେବେ ନାଁ କେନ୍ଦ୍ର ସରକାର ନା  ପଶ୍ଚିମଘାଟ ପର୍ବତମାଳାକୁ ଘେରି ରହିଥିବା ୬ଟି ରାଜ୍ୟର ସରକାରମାନେ ଏଭଳି ପରାମର୍ଶକୁ ନେଇ ସନ୍ତୁଷ୍ଟ ଥିଲେ । ରାଜ୍ୟମାନଙ୍କର ବିରୋଧ ଏବଂ କମ୍ପାନୀମାନଙ୍କର ବୋଲକରା ୬ଟି ରାଜ୍ୟର ବିଦ୍ୱାନମାନଙ୍କର କଟାକ୍ଷ ଯୋଗୁଁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ମାଧବ ଗାଡ଼ଗିଲ ରିପୋର୍ଟଟିକୁ ବର୍ଜ୍ୟବସ୍ତୁ ଭିତରେ ପକାଇ ଦେଇଥିଲେ । ତାଙ୍କରି ସ୍ଥାନରେ ପରିବେଶ ସମ୍ପର୍କରେ ସାମାନ୍ୟତମ ଜ୍ଞାନ ନଥିବା ଏବଂ ସରକାରଙ୍କର ବୋଲ ମାନି କାମ କରୁଥିବା ମହାକାଶ ବିଜ୍ଞାନୀ କେ.କସ୍ତୁରୀରଙ୍ଗନ୍ ଗାଡ଼ଗିଲ କମିଟି ରିପୋର୍ଟକୁ ସବୁ ଦୃଷ୍ଟିରୁ ସମୀକ୍ଷା କରିବା ନାଁ'ରେ ଆଉ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସରକାର ନିଯୁକ୍ତ କରିଥିଲେ । କସ୍ତୁରୀରଙ୍ଗନ୍ ମହାଶୟ, ୨୦୧୩ ମସିହାରେ ଯେଉଁ ରିପୋର୍ଟଟି ଦାଖଲ କଲେ ସେଥିରେ ସେ ସମଗ୍ର ପଶ୍ଚିମଘାଟ ପର୍ବତମାଳାକୁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ବୋଲି ଗାଡ଼ଗିଲ୍ କମିଟି ଯାହା କହିଥିଲେ ତାକୁ ଅଣଦେଖା କରି କେବଳ ତିନିଭାଗରୁ ଏକ ଭାଗ ହିଁ ସମ୍ବେଦନଶୀଳ ବୋଲି କହି ଗାଡ଼ଗିଲ୍ କମିଟି ରିପୋର୍ଟକୁ ନ୍ୟୁନ କରିଦେଇଥିଲେ । ଫ୍ରଣ୍ଟ ଲାଇନ୍ ପତ୍ରିକାର ସେପ୍ଟେମ୍ବର ୧୪(୨୦୧୮) ସଂଖ୍ୟାରେ ତାଙ୍କର ଯେଉଁ ସାକ୍ଷାତକାର ପ୍ରକାଶ ପାଇଛି ସେଥିରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି ଯାହା କେରଳର ପ୍ରଳୟଙ୍କରୀ ବନ୍ୟାକୁ ଦୃଷ୍ଟିରେ ରଖି ଭବିଷ୍ୟତକୁ ସଜାଡ଼ିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କିଛି ନେବାକୁ ପଡ଼ିବ ।

ତାଙ୍କ ମତରେ କେରଳରେ ଏବଂ ସମ୍ଭବତଃ କର୍ଣ୍ଣାଟକର କୋଡ଼ାଗୁରେ ଯେଉଁ ଭୟଙ୍କର ବିପର୍ଯ୍ୟୟ ଦେଖାଗଲା ତାହା ପ୍ରକୃତିର ଧାରାରେ ଅନେକବର୍ଷ ଧରି ମଣିଷର ଅବାଞ୍ଛିତ ହସ୍ତକ୍ଷେପ ଯୋଗୁଁ ଘଟିଛି । ଏହି ମଣିଷର ହସ୍ତକ୍ଷେପ ହିଁ କ୍ଷୟକ୍ଷତିର ଭୟାବହତାକୁ ବଢ଼ାଇ ଦେଇଛି । ସେ କହିଥିଲେ ଯେ କେରଳରେ ଚାଲିଥିବା ବେଆଇନ ପଥରକଳଗୁଡ଼ିକର କାର୍ଯ୍ୟକଳାପ ଯୋଗୁଁ କେମିତି ପଥରଖଣ୍ଡଗୁଡ଼ିକ ଝରଣା ଏବଂ ନଦୀଶଯ୍ୟା ଭିତରେ ପ୍ରବେଶ କରି ନଦୀର ଶଯ୍ୟାଟିକୁ ପୋତିବାରେ ଲାଗିଛନ୍ତି । ଯେଉଁ ବେଆଇନ ନିର୍ମାଣକାର୍ଯ୍ୟ ନଦୀ ଓ ପାର୍ବତ୍ୟାଂଚଳରେ ଚାଲିଛି , ତାହା ବନ୍ୟାର ପ୍ରକୋପକୁ ବଢ଼ାଇବାରେ ସହାୟ ହୋଇଛି । ବେଆଇନ ଭାବରେ ଚାଲିଥିବା ପଥର ଖାଦାନଗୁଡ଼ିକୁ ଗାଡ଼ଗଲି ବିରୋଧ କରିଆସିଛନ୍ତି ବୋଲି ଚର୍ଚ୍ଚାରେ ରହିଆସିଛନ୍ତି । ଏମିତିକି ତାଙ୍କ ରିପୋର୍ଟକୁ ଭିତ୍ତିକରି ପଥରଖାଦାନ ବିରୁଦ୍ଧରେ ଯେଉଁ ପ୍ରତିରୋଧାତ୍ମକ କାର୍ଯ୍ୟକ୍ରମ ହେଉଥିଲା, ତାକୁ ପଥର ଖାଦାନ ଚଳାଉଥିବା ମାଫିଆମାନେ ଦବାଇ ଦେବାପାଇଁ ଚେଷ୍ଟା ଚଳାଇଥିଲେ । ସବୁଥିରେ ସରକାରୀ କଳର ସହଯୋଗ ଥିଲା । ସେ କହୁଥିଲେ ଯେ ଥରେ ଏମିତି ଏକ ପ୍ରତିରୋଧାତ୍ମକ ବିକ୍ଷୋଭ ଉପରେ ପଥରଖାଦାନ ମାଫିଆମାନଙ୍କର ପଥର ମାଡ଼ ହେବା ଯୋଗୁଁ ଗୋଟିଏ ବାଳକର ମଧ୍ୟ ମୃତ୍ୟୁ ଘଟିଥିଲା । ପଥରଖାଦାନ ଖଣି, ବେଆଇନ ଜଙ୍ଗଲକଟା ଇତ୍ୟାଦି ଉପରେ କହିବାବେଳେ ଡଃ ଗାଡ଼ଗିଲ୍ ଆଉ ଏକ ଅତି ଗୁରୁତ୍ୱପୂର୍ଣ୍ଣ କଥା କହୁଥିଲେ ଯାହାକି ଓଡ଼ିଶା ସମେତ ସମଗ୍ର ଦେଶଟା ପାଇଁ ଅତିରୁ ଅତି ଗୁରୁତ୍ୱପୂର୍ଣ୍ଣ । ସେ କହିଥିଲେ ଯେ ପ୍ରାକୃତିକ ଜଙ୍ଗଲ ହଟେଇ ତା' ସ୍ଥାନରେ ଗୋଟିଏ ଗୋଟିଏ ପ୍ରଜାତିର ଗଛ ଲଗାଇବା ଯୋଗୁଁ ପ୍ରକୃତିର ଜଳଧାରଣ କ୍ଷମତାରେ ଅସନ୍ତୁଳନ ଦେଖାଦେଇଛି । ଜଳଭଣ୍ଡାରଗୁଡ଼ିକର ଉପରମୁଣ୍ଡରେ ଜଙ୍ଗଲଗୁଡ଼ିକୁ ବେଆଇନ କାର୍ଯ୍ୟକଳାପ ମାଧ୍ୟମରେ ନଷ୍ଟ କରିବା ଯୋଗୁଁ ଜଳଭଣ୍ଡାରଗୁଡ଼ିକ ପୋତି ହୋଇ ହୋଇଯାଉଛି । ଏଥିରେ ସରକାରଗୁଡ଼ିକ

ଭିତରେ ବାଛବିଚାର କିଛି ନାହିଁ । ଏଭଳି କାର୍ଯ୍ୟ କେରଳରେ ଯେମିତି ଚାଲିଛି ତାମିଲନାଡୁରେ ମଧ୍ୟ ସେମିତି ଚାଲିଛି । ବରଂ ଡଃ ଗାଡ୍‌ଗିଲଙ୍କର ମତରେ କେରଳର ଅର୍ଥମନ୍ତ୍ରୀ ଟି.ଏମ୍. ଥୋମାସ୍ ଆଇଜାକ୍ ନିଜର ଏକ ପୁସ୍ତକ ଯାହାର ନାଁ ଥିଲା, 'ସ୍ଥାନୀୟ ଗଣତନ୍ତ୍ର ଏବଂ ବିକାଶ: ବିକେନ୍ଦ୍ରିକ ଯୋଜନା ପାଇଁ କେରଳ ଲୋକଙ୍କର ଅଭିଯାନ' ଯାହା ୨୦ବର୍ଷ ତଳେ ରଚନା କରାଯାଇଥିଲା ସେଥିରେ ସ୍ପଷ୍ଟଭାବେ କହିଥିଲେ ଯେ ପ୍ରତ୍ୟେକ ଗ୍ରାମ ପ ାୟତ ନିଜର ବିକାଶ ଯୋଜନା ନିଜେ ପ୍ରସ୍ତୁତ କରିବେ । କିନ୍ତୁ ତାହା ଏଯାବତ୍ କାର୍ଯ୍ୟକାରୀ କରାଗଲା ନାହିଁ । କସ୍ତୁରୀରଙ୍ଗନ୍ ରିପୋର୍ଟ, ଯାହାକୁ ସରକାରମାନେ ଗ୍ରହଣ କରିଛନ୍ତି ସେ ସମ୍ପର୍କରେ ଗାଡ୍‌ଗିଲ ମହୋଦୟ କୁହନ୍ତି ଯେ, 'ସେହି ପରିବ ିତ ରିପୋର୍ଟଟି ଜଙ୍ଗଲ ବିଭାଗର ଅମଲାତନ୍ତ୍ରକୁ ଅଧିକ କ୍ଷମତାଶୀଳ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା । କସ୍ତୁରୀରଙ୍ଗନ୍ ଯେଭଳି ଜମିକୁ ଦୁଇଭାଗରେ ବିଭକ୍ତ କରି ଜଙ୍ଗଲ ବିଭାଗ ଅଧିନରେ ଥିବା ଜମିକୁ ପ୍ରାକୃତିକ ଦୃଶ୍ୟପଟ୍ଟ ଏବଂ ଘରୋଇ ମାଲିକାନାରେ ଥିବା ଜମିଗୁଡ଼ିକୁ ସାଂସ୍କୃତିକ ଦୃଶ୍ୟପଟ୍ଟ କହି ବିଭାଜିତ କରିଛନ୍ତି, ତାହା ଅତି ଉଦ୍ଭଟ । ପରିବେଶୀୟ ବ୍ୟବସ୍ଥା ଜମିର ମାଲିକାନା କାହାପାଖରେ ଅଛି କାହାର ନିର୍ଦ୍ଦେଶରେ ସ ାଳିତ ହେଇନଥାଏ । ପୁଣି ବ ମାନ ଯେଭଳି ଭାବରେ କେନ୍ଦ୍ର ସରକାର ଜାତୀୟ ପରିବେଶୀୟ ଅଦାଲତକୁ (National Green Tribunal) ଦୁର୍ବଳ ଏବଂ ନ୍ୟୁନ କରିଚାଲିଛନ୍ତି ସେଥିରୁ ଜଣାପଡୁଛି ଯେ ଆମର ଲାଭଖୋର ପ୍ରବୃ ିକୁ ଅଧିକ ପ୍ରୋତ୍ସାହିତ କରାଯାଉଛି ଯାହାଫଳରେ ପ୍ରକୃତି ବିପର୍ଯ୍ୟୟ ଭିତରକୁ ଠେଲି ହୋଇଯିବା ଅନିବାର୍ଯ୍ୟ । କେବଳ କେରଳର ପ୍ରଳୟଙ୍କରୀ ବନ୍ୟା ନୁହେଁ ପ୍ରତ୍ୟେକଟି ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନା କରିବାକୁ ଯାଉଛି । ସାରା ବିଶ୍ୱରେ ଜଳବାୟୁ ପରିବ ନ ଚାଲିଥିବା ବେଳେ ଏବଂ ଏକ ଭୟଙ୍କର ବିଷବଳୟ ଭିତରକୁ ଠେଲି ହୋଇଯାଉଥିବା ବେଳେ କୌଣସି ବି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରମାନେ ନିଜ ନାଗରିକମାନଙ୍କର ଭବିଷ୍ୟତର ସୁରକ୍ଷା ଦୃଷ୍ଟିରୁ ସାମାନ୍ୟତମ ସଚେତନ ଥିବା ପରି କାହାର ବି ହୃଦ୍‌ବୋଧ ହେଉନାହିଁ । ସରକାରମାନଙ୍କ ଆଖିରେ କେବଳ 'ପୁଞ୍ଜି' ଦେଖାଯାଉଛି, 'ପ୍ରକୃତି' ନୁହେଁ । ଯଦି ସାଧାରଣ ମଣିଷ ସଚେତନ ଓ ସଙ୍ଗଠିତ ହୋଇ ପ୍ରତିବାଦ ଓ ପ୍ରତିରୋଧ ନ କରେ, ଆମ ପିଲାମାନଙ୍କ ପିଲାମାନଙ୍କୁ ବ ାଇ ରଖିବା କଷ୍ଟକର ହେବ ।

ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଆମ ଦେଶରେ ଏବେ ଗଣତନ୍ତ୍ରର ଚରମ ବିପର୍ଯ୍ୟୟ ଚାଲିଛି । ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର ନିଜର କୌଣସି ବି ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଭରସା ନରଖି କଟୁଆଳମାନଙ୍କ ହାତରେ ଯେତେବେଳେ ସବୁକିଛି କ୍ଷମତା ସମର୍ପି ଦେଉଛି ତେବେ ସେଠି ନାଗରିକମାନଙ୍କର ଜୀବନ ବା ଅଧିକାରର ସୁରକ୍ଷା ହେବାର ସାମାନ୍ୟତମ ସମ୍ଭାବନା ନାହିଁ ବରଂ ସେମାନଙ୍କର ଜୀବନ, ଜୀବିକା ଏବଂ ମୁକ୍ତ ଭାବେ ବ ୍ଚିବାର ଅଧିକାରଗୁଡ଼ିକ ହନନ ହେବାର ବହୁତ ବେଶୀ ଆଶଙ୍କା ବଢ଼ିଯାଉଛି । ନିଜର ସମଗ୍ର କର୍ମମୟ ଜୀବନଟିକୁ ସାଧାରଣ ମଣିଷର ବ ୍ଚିବାର ଅଧିକାରକୁ ସୁରକ୍ଷିତ କରିବା ପାଇଁ ଲଢ଼ି ଆସୁଥିବା ଆଇନ ବିଷାରଦ, ଅଧିବକ୍ତା, ଶ୍ରମିକ ସଙ୍ଗଠନର କର୍ମୀ ତଥା ବିଦ୍ୱାନ ସୁଧା ଭରଦ୍ୱାଜଙ୍କ ସମେତ ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ନିକଟରେ ପୁନେ ପୁଲିସ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗରେ ଏବଂ ଜାନୁଆରୀ ମାସରେ ମହାରାଷ୍ଟ୍ରର ଭୀମ କୋରେଗାଓଁ ଠାରେ ଘଟିଥିବା ଦଳିତ ସମାବେଶ ସମ୍ପର୍କିତ କିଛି ଘଟଣାରେ ସମ୍ପୃକ୍ତିକୁ ଆଳ କରି ଗିରଫ କରିବାର ପ୍ରୟାସ କରିଛନ୍ତି । ଅଦାଲତମାନଙ୍କର ହସ୍ତକ୍ଷେପ ଫଳରେ ସେମାନଙ୍କୁ ଏବେ ଅନ୍ତତଃ ସେପ୍ଟେମ୍ବର ୬ଯାଏଁ ଗୃହବନ୍ଦୀ କରି ରଖିବା ପାଇଁ ପରିସ୍ଥିତିଟିଏ ସୃଷ୍ଟି ହୋଇଛି । ବେଆଇନ ଗିରଫ ପ୍ରତିବାଦରେ ସମଗ୍ର ଦେଶରେ ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀମାନଙ୍କ ଭିତରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ସ୍ୱତଃସ୍ଫୂ  ଭାବରେ ଜନଗଣ ରାଜରାସ୍ତାକୁ ଓହ୍ଲାଇ ଏଭଳି ଅଗଣତାନ୍ତ୍ରିକ ଗିରଫ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏସବୁକୁ ପାଣିଚିଆ କରିଦେବା ପାଇଁ ଏବଂ ଅଦାଲତକୁ ପ୍ରଭାବିତ କରିବା ଉଦ୍ଦେଶ୍ୟ ରଖି ପୁନେ ପୁଲିସ ଆଉକିଛି ମିଛ କଥା ଗଣମାଧ୍ୟମ ଦ୍ୱାରା ପ୍ରଚାର କରୁଛି । ସବୁ ମିଛ ଅଭିଯୋଗଗୁଡ଼ିକୁ ଅତି ସ୍ପଷ୍ଟଭାବେ ଏହି ଗିରଫ ହୋଇଥିବା କର୍ମୀମାନେ ସର୍ବସାଧାରଣରେ ଉନ୍ମୋଚନ କରିଛନ୍ତି । ଏସବୁ ଘଟଣାରେ ବୈଦ୍ୟୁତିକ ଗଣମାଧ୍ୟମର ଭୂମିକା ଅତି ଭୟଙ୍କର । ନାଟକ ପାଇଁ ମସାଲା କେମିତି ଯୋଗାଡ଼ କରାଯାଏ ଏବଂ ତାକୁ ଜନସାଧାରଣଙ୍କୁ ପ୍ରଭାବିତ କରିବା ଶୈଳୀରେ କେମିତି ପରିବେଷଣ କରାଯାଏ, ତାହା କମ୍ପାନୀମାନଙ୍କ ଟଙ୍କାରେ ହୃଷ୍ଟପୁଷ୍ଟ ହେଉଥିବା କେତୋଟି ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମ ଭଲ ଭାବରେ ଜାଣିଛନ୍ତି । ସମଗ୍ର ଦେଶରେ ଲୋକମାନଙ୍କର ଅଧିକାର ପାଇଁ ଲଢ଼େଇ କରୁଥିବା ମଣିଷମାନଙ୍କ ବିରୁଦ୍ଧରେ ମିଛ ମାମଲା ପ୍ରସ୍ତୁତ କରିବା ଏବଂ ଜନଗଣଙ୍କ ଭିତରେ ଭ୍ରମ ସୃଷ୍ଟି କରିବାପାଇଁ ତାକୁ କେତୋଟି ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ବ୍ୟବହାର କରିବା ଏବେ ଆମ ରାଷ୍ଟ୍ରର ଏକ ପ୍ରମୁଖ କାମ ହୋଇଆସିଛି । ଭିନ୍ନ

ମତ ପୋଷଣ କରୁଥିବା ସ୍ୱରଗୁଡ଼ିକୁ ବିଚ୍ଛିନ୍ନତାବାଦୀ, ମାଓବାଦୀ ବା ଆତଙ୍କବାଦୀ କହିବା ଏକ ସାଧାରଣ ଘଟଣା ହୋଇଯାଇଛି । ଏସବୁ କାହିଁକି ହେଉଛି ପ୍ରଶ୍ନ କରିବା ଲୋକମାନଙ୍କର ସଂଖ୍ୟା ବି ଏ ଦେଶରେ ଅତି ନଗଣ୍ୟ । ଆମେ ସାମାନ୍ୟ ଆଶ୍ୱସ୍ତ ଯେ ଉଚ୍ଚତମ ନ୍ୟାୟାଳୟର ଏକ ଖଣ୍ଡପୀଠ ଏହି ଗିରଫ ହୋଇଥିବା ବିଶିଷ୍ଟ ବ୍ୟକ୍ତିଙ୍କର ଆବେଦନ ଶୁଣିବା ପରେ କହିଛନ୍ତି ଯେ ଭିନ୍ନମତଟି ଗୋଟିଏ ଗଣତନ୍ତ୍ରରେ ପ୍ରେସରକୁକରର ସେଫଟି ଭଲ୍‌ବ ଭଳି । ତେବେ ଅଦାଲତମାନେ ଯେହେତୁ ପୁଲିସ ଏବଂ ଗୁଇନ୍ଦା ସଂସ୍ଥାମାନଙ୍କର ରିପୋର୍ଟଗୁଡ଼ିକ ମାଧ୍ୟମରେ ଅଧିକ ପ୍ରଭାବିତ ହୋଇଥାନ୍ତି, ଯାହାର ପ୍ରମାଣ ଅତୀତରେ ଆମେ ଅନେକଥର ପାଇଛେ ଏଣୁ ଉଚ୍ଚତମ ନ୍ୟାୟାଳୟଙ୍କର ଭିନ୍ନ ମତକୁ ନେଇ ମତଟି ଯେ ଦୀର୍ଘସ୍ଥାୟୀ ହୋଇ ରହିବ ଆମ ମନରେ ଆଶଙ୍କା ଅଛି । ସାମ୍ପ୍ରତିକ ଘଟଣାବଳୀରୁ ସ୍ପଷ୍ଟ ହେଉଛି ଯେ କୌଣସି ବି ସରକାର ବା ସରକାରରେ ଥିବା ରାଜନୈତିକ ଦଳ ଭିନ୍ନ ମତକୁ ସମ୍ମାନ ଦେବା ବା ଆଦର କରିବା ପାଇଁ ପ୍ରସ୍ତୁତ ନୁହନ୍ତି । ସେଥିପାଇଁ ଜନଗଣଙ୍କୁ ନିଜ ଅଧିକାର ପାଇଁ ନିଜର ଲଢ଼େଇକୁ ଆହୁରି ଅଧିକ ଶାଣିତ ଓ ସଶକ୍ତ କରିବାକୁ ପଡ଼ିବ ।